ସମ୍ବାଦ

୩୦ ଅଗଷ୍ଟ ୨୦୧୦

# ପଞ୍ଚାୟତ ଓ ସହରାଞ୍ଚଳ ନିର୍ବାଚନରେ ବ୍ୟାପକ ସଂସ୍କାର ଲୋଡ଼ା

ଭୁବନେଶ୍ୱର, ୨୯/୮ (ଇମିସ): ତ୍ରିସ୍ତରୀୟ ପଞ୍ଚାୟତିରାଜ ଓ ସହରାଞ୍ଚଳରେ ହେଉଥିବା ନିର୍ବାଚନକୁ ଅବାଧ, ନିରପେକ୍ଷ ଓ ଅଧିକ ସ୍ୱଚ୍ଛ କରିବା ପାଇଁ ବ୍ୟାପକ ସଂସ୍କାରର ଆବଶ୍ୟକତା ରହିଛି। ରାଜ୍ୟ ନିର୍ବାଚନ

## ଓଡ଼ିଶା ଇଲେକ୍‌ସନ ୱାଚ୍‌ର ସମାବେଶ

କମିସନ ବିଭିନ୍ନ ସମୟରେ ଦେଇଥିବା ସୁପାରିଶକୁ କାର୍ଯ୍ୟକାରୀ କରାଯିବ ଉଚିତ। ଏହା ସହ ମହିଳାମାନଙ୍କ ପାଇଁ ୫୦ ପ୍ରତିଶତ ସ୍ଥାନ ସଂରକ୍ଷଣ ନିଷ୍ପତ୍ତିକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ବିଶିଷ୍ଟ ବ୍ୟକ୍ତିମାନେ ମତପ୍ରକାଶ କରିଛନ୍ତି।

ଓଡ଼ିଶା ଇଲେକ୍‌ସନ ୱାଚ୍ ପକ୍ଷରୁ ଜୟଦେବ ଭବନଠାରେ ଆୟୋଜିତ ଦୁଇ ଦିନିଆ ସମାବେଶର ଆଜି ଥିଲା ଦ୍ୱିତୀୟ ଦିବସ। ପୂର୍ବତନ ପୁଲିସ ମହାନିର୍ଦ୍ଦେଶକ ଅମୀୟ ଭୂଷଣ ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ଆଜିର ସଭାରେ ଓଡ଼ିଶା ଇଲେକ୍‌ସନ୍ ୱାଚ୍‌ର ରାଜ୍ୟ ସଂଯୋଜକ ରଞ୍ଜନ




କୁମାର ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ରାଜ୍ୟ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ କହିଲେ, ୭୩ ଓ ୭୪ତମ ସମ୍ବିଧାନ ସଂଶୋଧନରେ ଏବେ ପରିବର୍ତ୍ତନ କରିବାକୁ ଚିନ୍ତା ହେଲାଣି। ଏହା ସହ ନିର୍ବାଚିତ ଲୋକ ପ୍ରତିନିଧିମାନଙ୍କ ପ୍ରଶିକ୍ଷଣ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଆଲୋଚନାରେ ପୂର୍ବତନ ନିର୍ବାଚନ କମିସନର ସଞ୍ଜୀବ ଚନ୍ଦ୍ର ହୋତା, ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ବିଜେଡିର ନରେନ୍ଦ୍ର ସ୍ୱାଇଁ, ବିଜେପିର ସମୀର ମହାନ୍ତି, ସିପିଆଇ ରାମକୃଷ୍ଣ ପଣ୍ଡା, ସିପିଏମ୍‌ର ସୁରେଶ ପାଣିଗ୍ରାହୀ, ପ୍ରଫେସର ରୀତା ରାୟ, ଡ. ଝରଣା ରଥ, ସୀତାକାନ୍ତ ଦାସ ନିଜ ନିଜ ମତ ରଖିଥିଲେ। ନିର୍ବାଚନ ଲଢ଼ିବା ପାଇଁ ଥିବା ଦୁଇ ସନ୍ତାନ କଟକଣାକୁ ଉଠାଇବା, ନିର୍ବାଚନମଣ୍ଡଳୀର ସୀମା ନିର୍ଦ୍ଧାରଣ ଓ ସଂରକ୍ଷଣ ପରିବର୍ତ୍ତନର ସମୟସୀମା ୧୦ ବର୍ଷ କରିବା ସହ ନିର୍ବାଚିତ ସଦସ୍ୟଙ୍କୁ ପ୍ରତ୍ୟାହାର କରି ରଖିବାର ଅଧିକାର ମତଦାତାଙ୍କ ହାତରେ ରଖିବା ପାଇଁ ସମାବେଶରେ ଦାବି ହୋଇଥିଲା। ଜାତୀୟ ଇଲେକ୍‌ସନ୍ ୱାଚ୍‌ର ପ୍ରଫେସର ତ୍ରିଲୋଚନ ଶାସ୍ତ୍ରୀ ଓ ଅନିଲ ବୈରୱାଲ ପ୍ରମୁଖ ନିର୍ବାଚନ ସଂସ୍କାର ଉପରେ ମତ ଦେଇଥିଲେ।

ପ୍ରଗତିବାଦୀ

କଟକ, ୨୯ ଅଗଷ୍ଟ ୨୦୧୦ ରବିବାର

# ବିପିଏଲ୍ କାର୍ଡଧାରୀଙ୍କୁ କ୍ୟାନ୍‌ସର୍ ଏବଂ ଏଡ୍‌ସ ଚିକିତ୍ସା ଔଷଧ ରିହାତି ଦରରେ ଯୋଗାଇବୁ: ଡ୍ରଗିଷ୍ଟ୍ ମହାସଂଘ

ଭୁବନେଶ୍ୱର, (ପିପିଏସ୍): କ୍ୟାନ୍ସର ଏବଂ ଏଡ୍‌ସ ପରି ଦୂରାରୋଗ୍ୟ ବ୍ୟୟବହୁଳ ହୋଇଥିବାରୁ ଦାରିଦ୍ର୍ୟ ସୀମାରେଖା ତଳେ (ବିପିଏଲ୍) ପରିବାରଗୁଡ଼ିକୁ ରିହାତି ଦରରେ ଔଷଧ ଯୋଗାଇ ଦିଆଯିବ ବୋଲି ଅଧିକ ଭାରତ କେମିଷ୍ଟ୍ ଓ ଡ୍ରଗିଷ୍ଟ୍ ସଂଗଠନ(ଏ.ଆଇ.ଓ.ସି.ଡ଼ି)ର ଅଧ୍ୟକ୍ଷ ଜେ.ଏସ୍.ସିନ୍ଧେ ଘୋଷଣା କରିଛନ୍ତି।

ଭୁବନେଶ୍ୱରଠାରେ ଏ.ଆଇ.ଓ.ସି.ଡ଼ି.ର ୬୪ ତମ କାର୍ଯ୍ୟନିର୍ବାହୀ କମିଟି ବୈଠକ ଅନୁଷ୍ଠିତ ହେବ। ତାହାର ଅବ୍ୟବହିତ ପୂର୍ବରୁ ସଂଗଠନ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସିନ୍ଧେ କହିଥିଲେ ଯେ, ଔଷଧ ବିକିବା ଏହି ସଂଗଠନର ସଦସ୍ୟମାନଙ୍କର ମୁଖ୍ୟକାର୍ଯ୍ୟ, ହୋଇଥିଲେ ବି ଭାରତୀୟ ଗ୍ରାହକ ବା ରୋଗୀମାନଙ୍କ ସହାୟତା ଦେବା ନିମନ୍ତେ ସଂଗଠନ କିଛି ଉଲ୍ଲେଖନୀ କାର୍ଯ୍ୟ କରିଛି। ଅତୀତରେ ଏହା ଗରିବ ଲୋକଙ୍କୁ ସାଧାରଣ ରୋଗର ଔଷଧ ବିକ୍ରୟ କରିବା ସହିତ ସୁନାମୀ ପ୍ରପୀଡ଼ିତ ଗୁଜୁରାଟ ଭୂକମ୍ପ ଲୋକଙ୍କୁ ସହାୟତା ଦେଉଛି। କାର୍ଗିଲ ଯୁଦ୍ଧର ଯବାନମାନଙ୍କୁ ମଧ୍ୟ ସହାୟତା ଦେଇଛି। ସେହି ଆଧାରରେ ବିପିଏଲ୍ ପରିବାରଗୁଡ଼ିକୁ ମଧ୍ୟ ଔଷଧ ସହାୟତା ନେବା ପାଇଁ ସ୍ଥିର କରାଯାଇଛି। ସେହିପରିଭାବେ କେତେକ ଔଷଧ ପାଇଁ ଶୀତଳ ଭଣ୍ଡାରର ଆବଶ୍ୟକତା ପଡୁଥିବାରୁ ସ୍ୱତନ୍ତ୍ର ଭାବେ ଶୀତଳ ଭଣ୍ଡାରମାନ ଦେଶର ବିଭିନ୍ନ ସ୍ଥାନରେ ନିର୍ମାଣ କରିବାକୁ ସଂଗଠନ ନିଷ୍ପତ୍ତି ନେଇଛି।

ଶ୍ରୀ ସିନ୍ଧେ କହିଥିଲେ ଯେ, ଭାରତରେ ଆଉ ନିଜସ୍ୱ ପାଟେଣ୍ଟ ଆଇନ ପ୍ରଚଳନ ହେଉନାହିଁ। ଏବେ ଆନ୍ତର୍ଜାତିକ ପାଟେଣ୍ଟ ଆଇନ ଅନୁସାରେ ଔଷଧ ପ୍ରସ୍ତୁତ ହେଉଛି। ତେଣୁ କେତେକ କ୍ଷେତ୍ରରେ ଔଷଧର ଦର ଅଧିକ ହେଉଛି। ତେଣୁ ଚିକିତ୍ସା ପରିବର୍ତ୍ତେ ଏଣିକି ପ୍ରତିଷେଧକ ଉପରେ ସଂଗଠନ ଗୁରୁତ୍ୱ ଦେବ। ସେହି ସଚେତନତା କାର୍ଯ୍ୟକ୍ରମରେ ଉଭୟ ଔଷଧ ଦୋକାନୀ ଏବଂ ଗ୍ରାହକଙ୍କୁ ସାମିଲ କରାଯିବ ବର୍ତ୍ତମାନ ତାହାର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ସବୁ ପ୍ରମୁଖ ଦୋକାନକୁ ଅନ୍‌ଲାଇନ୍ ଜରିଆରେ ସଂଯୋଗ କରାଯାଉଛି। କମ୍ପାନୀ ୧୨୦୦କୋଟି ଟଙ୍କା ବ୍ୟୟ କରିବ। ପ୍ରତ୍ୟେକ ଔଷଧ ଦୋକାନ ଏବେ ଡାଟାବେସ୍ କମ୍ପାନୀରେ ମଧ୍ୟ ସାମିଲ ହେବାକୁ ଯୋଜନା ହୋଇଛି।

ସେ କହିଥିଲେ ଯେ, ଦେଶରେ ଏବେ ୩୫ ଲକ୍ଷ ମଧୁମେହ ରୋଗୀ ଚିହ୍ନଟ ହୋଇ ଚିକିତ୍ସିତ ହେଉଛନ୍ତି। ପାଞ୍ଚ ବର୍ଷ ତଳେ ଦେଶରେ ଯେତିକି କ୍ୟାନ୍ସର ରୋଗୀ ଥିଲେ ଏବେ ତାହାଠାରୁ ୨୦ ପ୍ରତିଶତ ରୋଗୀ ଅଧିକ ଅଛନ୍ତି। ସେହିପରି ଏଡ୍‌ସ ରୋଗୀଙ୍କ ସଂଖ୍ୟା ସମଗ୍ର ଦେଶରେ ତୃତୀୟ ସର୍ବବୃହତ୍ତମ। ଏପରି ରୋଗୀଙ୍କୁ ଚିକିତ୍ସା କରିବା ପୂର୍ବରୁ ନିରାକରଣ ବ୍ୟବସ୍ଥା ହୋଇ ପାରିଥାଆନ୍ତା। ସଚେତନତା କରାଯାଇ ପାରିଥାଆନ୍ତା। ବିଭିନ୍ନ ୟୁରୋପୀୟ ତଥା ଆମେରିକୀୟ ଦେଶରେ ଏବେ ନିରାକରଣ ବା ପ୍ରତିଷେଧକ ପାଇଁ ବହୁ ଅର୍ଥ ବ୍ୟୟ କରାଯାଉଛି। ଉକ୍ତ ରୋଗର ଚିକିତ୍ସା ଏବଂ ନିରାକରଣ ପାଇଁ ଆମ ଦେଶରେ ମୁଣ୍ଡ ପିଛା ବ୍ୟୟ ମାତ୍ର ୩୦୦ଟଙ୍କା ହେଉଥିବା ବେଳେ ଆମେରିକା ଓ ଜାପାନରେ ପାଖାପାଖି ୨ହଜାର ଟଙ୍କା ବୋଲି ସେ କହିଥିଲେ।

ଓଡ଼ିଶା ଏକ୍ସପ୍ରେସ

୨୯ ଅଗଷ୍ଟ ୨୦୧୦ ରବିବାର

# ଅର୍ଥ ଓ ବାହୁବଳ ଗଣତନ୍ତ୍ର ପ୍ରତି ବିପଦ

**ଭୁବନେଶ୍ୱର, ୨୮।୮**

**ଏକ୍ସପ୍ରେସ୍ ନ୍ୟୁଜ**

ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରତି ଅର୍ଥ ଓ ବାହୁବଳ ଏବେ ବିପଦ ହୋଇଛି । ଅପରାଧିକ ମାମଲା ଥିବା ବ୍ୟକ୍ତି ନିର୍ବାଚିତ ହୋଇଆସୁଥିବାରୁ ମୂଲ୍ୟବୋଧର ଅବକ୍ଷୟ ହେବା ସହ ଶାସନ କଳୁଷିତ ହେଉଛି ବୋଲି ମତପ୍ରକାଶ ପାଇଛି ।

ମତଦାତାମାନେ ସଚେତନ ହେବା ସଙ୍ଗେ ସଙ୍ଗେ ରାଜନୈତିକ ଦଳଗୁଡ଼ିକ ଉପଯୁକ୍ତ ଲୋକଙ୍କୁ ଦଳୀୟ ଟିକେଟ ଦେଲେ ଗଣତାନ୍ତ୍ରିକ ବ୍ୟବସ୍ଥା ସୁଦୃଢ଼ ହୋଇପାରେ ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି ।

ଜାତୀୟ ଇଲେକ୍ସନ ୱାଚ୍ ଓ ରାଜ୍ୟ ଇଲେକ୍ସନ ୱାଚ୍‌ର ମିଳିତ ସହଯୋଗରେ 'ରାଜନୀତି ଓ ନିର୍ବାଚନ ସଂସ୍କାର' ଶୀର୍ଷକ ଦୁଇଦିନିଆ ସମ୍ମିଳନୀର ଉଦ୍‌ଘାଟନୀ ଉତ୍ସବରେ ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ଅମିୟ ଭୂଷଣ ତ୍ରିପାଠୀ କହିଥିଲେ ଯେ ଆମର ନିର୍ବାଚନ ବ୍ୟବସ୍ଥା କଳୁଷିତ ହେବାରେ ଲାଗିଛି । ଏଥି ଯୋଗୁଁ ନୈତିକ ମୂଲ୍ୟବୋଧର ଅବକ୍ଷୟ ହେବା ସହ ସଂସଦରେ ଦେଢ଼ଶହରୁ ଊର୍ଦ୍ଧ୍ୱ ଅପରାଧିକ (ଶେଷ ପୃଷ୍ଠା ଦେଖନ୍ତୁ)

## ଅର୍ଥ ଓ ବାହୁବଳ...

ମାମଲା ଥିବା ବ୍ୟକ୍ତି ସଦସ୍ୟ ହୋଇଛନ୍ତି । ରାଜ୍ୟ ସୂଚନା କମିଶନର ଜଗଦାନନ୍ଦ କହିଥିଲେ ଯେ ଗଣତନ୍ତ୍ରରେ ଆଉ ଶୃଙ୍ଖଳା ନାହିଁ । ତେଣୁ ମତଦାତାମାନେ ପ୍ରାର୍ଥୀଙ୍କ ସମ୍ପତ୍ତି, ଶିକ୍ଷାଗତ ଯୋଗ୍ୟତା ଓ ଅନ୍ୟାନ୍ୟ ବିଷୟରେ ଜାଣିବା ଏକାନ୍ତ ଅପରିହାର୍ଯ୍ୟ । ନିର୍ବାଚନ ସଂସ୍କାରରେ ଲୋକଙ୍କୁ ସଚେତନ କରିବା ପାଇଁ ସ୍ୱେଚ୍ଛାସେବୀ ସଂସ୍ଥା କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଛନ୍ତି । ଜାତୀୟ ଇଲେକ୍ସନ ୱାଚ୍‌ର ସଂଯୋଜକ ଅନିଲ ବୈରୱାଲ ଗଣତନ୍ତ୍ରକୁ କଳୁଷିତ ହେବାରୁ ରୋକିବାକୁ ସାଧାରଣ ଲୋକଙ୍କ ନିକଟରେ ସୁଯୋଗ ନାହିଁ । ୨୦୧୨ରେ ରାଜ୍ୟର ପଞ୍ଚାୟତିରାଜ ସଂସ୍ଥାଗୁଡ଼ିକର ନିର୍ବାଚନ ହେବାକୁ ଥିବାରୁ ସେଥିରେ ସଂସ୍କାର ଆଣିବାକୁ ଏବେଠୁ କାର୍ଯ୍ୟ କରିବା ଆବଶ୍ୟକ ବୋଲି ରାଜ୍ୟ ଇଲେକ୍ସନ ୱାଚ୍‌ର ସଂଯୋଜକ ରଞ୍ଜନ କୁମାର ମହାନ୍ତି ଆହ୍ୱାନ ଦେଇଥିଲେ । ଏହି ଅବସରରେ ପୂର୍ବତନ ଲୋକପାଳ ଜଷ୍ଟିସ ଶରତ ଚନ୍ଦ୍ର ମହାପାତ୍ର 'ଓଡ଼ିଶା ଇଲେକ୍ସନ ୱାଚ୍ ଏପ୍ରିଲ ୨୦୦୯' ପୁସ୍ତକକୁ ଉନ୍ମୋଚନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜଷ୍ଟିସ୍ ଚୌଧୁରୀ ପ୍ରତାପ କେଶରୀ ମିଶ୍ର, ଅବସରପ୍ରାପ୍ତ ପ୍ରଶାସକ ସହଦେବ ସାହୁ, ସିନେ ତାରକା ଶରତ ପୂଜାରୀ ପ୍ରମୁଖ ନିର୍ବାଚନୀ ବ୍ୟବସ୍ଥାରେ ସଂସ୍କାର ଉପରେ ଗୁରୁତ୍ୱାରୋପ କରିଥିଲେ । ଦୁଇଦିନିଆ ଏହି ସମ୍ମିଳନୀରେ ବିଭିନ୍ନ ଦଳର ନେତା, ବୁଦ୍ଧିଜୀବୀ, ସାମ୍ବାଦିକ, ସମାଜସେବୀ ଏହା ଉପରେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି ।

ସୂର୍ଯ୍ୟପ୍ରଭା
ରବିବାର, ୨୯ ଅଗଷ୍ଟ ୨୦୧୦

### 'ରାଜନୈତିକ ଓ ନିର୍ବାଚନ ସଂସ୍କାର' ଶୀର୍ଷକ ଆଲୋଚନାଚକ୍ର

# ଶାସନ କଳ ବିଗ୍ କର୍ପୋରେଟ୍‌ଙ୍କ ହାତରେ : ଅରୁଣ

।।ପ୍ରଭାନ୍ୟୁଜ୍।।

ଭୁବନେଶ୍ୱର, ୨୮।୮ : ଏବେ ରାଜନୀତିରେ ଲଢ଼ିବାକୁ ହେଲ ଅର୍ଥ ଓ ବାହୁବଳ ଦରକାର। ଏହିସବୁ ଅର୍ଥ ବିଗ୍ କର୍ପୋରେଟଙ୍କଠାରୁ ଆସୁଛି। ଯାହାଫଳରେ ବର୍ତ୍ତମାନ ଶାସନ ବ୍ୟବସ୍ଥା ସେମାନଙ୍କ କବଜାରେ ରହୁଛି ଓ ସେମାନଙ୍କ ଇଙ୍ଗିତରେ ଶାସନ ଚାଲୁଛି ବୋଲି କହିଛନ୍ତି ଅରୁଣ ସାହୁ। ଶାସକମାନେ କମ୍ପାନୀ ଅର୍ଥରେ ନିର୍ବାଚନରେ ବିଜୟୀ ହୋଇ ଶାସନ କଳର ତାଲାକୁ ସେଇମାନଙ୍କ ହାତରେ ଟେକିଦେଉଛନ୍ତି। ପାର୍ଲାମେଣ୍ଟରେ ସାଂସଦମାନେ କମ୍ପାନୀ ମାଲିକଙ୍କ ଦ୍ୱାରା ବିକ୍ରି ହୋଇଯାଉଛନ୍ତି। ନିର୍ବାଚନ ମଧ୍ୟ ଫେୟାର ହେଉନାହିଁ ବୋଲି ରାଜନୈତିକ ଓ ନିର୍ବାଚନ ସଂସ୍କାର ଆଲୋଚନାଚକ୍ରରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଯୁବ ବିଜଦ ନେତା ତଥା ସରକାରୀ ଉପମୁଖ୍ୟ ସଚେତକ ଅରୁଣ ସାହୁ କହିଛନ୍ତି। ପ୍ରତ୍ୟେକ ଦଳ ମଧ୍ୟରେ ଇନର୍ ଡେମୋକ୍ରାସି ରହୁନାହିଁ ଯାହାଦ୍ୱାରା ଗଣତନ୍ତ୍ରରେ ସମାଧି ପଡିବାର ବ୍ୟବସ୍ଥା ସୃଷ୍ଟି ହେଉଛି। ତେଣୁ ଗଣତନ୍ତ୍ରକୁ ବଞ୍ଚାଇବା ପଇଁ ଲଢେଇ ଜରୁରୀ। ଏହିଥିପାଇଁ ଜନସାଧାରଣ ସଚେତିତ ହେବା ଜରୁରୀ ବୋଲି ଶ୍ରୀ ସାହୁ ମତପ୍ରକାଶ କରିଛନ୍ତି। ରାଜ୍ୟ ଓ ଜାତୀୟ ଇଲେକ୍ସନ ୱାଚ୍‌ର ମିଳିତ ସହଯୋଗରେ ଆୟୋଜିତ 'ରାଜନୈତି ଓ ନିର୍ବାଚନ ସଂସ୍କାର' ଶିର୍ଷକ ଏକ ଦୁଇଦିନିଆ ସମ୍ମିଳନୀ ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୂର୍ବତନ ପୁଲିସ୍ ମହାନିର୍ଦ୍ଦେଶକ ଅମୀୟ ଭୂଷଣ ତ୍ରିପାଠୀ କହିଛନ୍ତି ଯେ, ଆମର ନିର୍ବାଚନ ବ୍ୟବସ୍ଥା ଏବେ ଏତେ କଳୁଷିତ ହୋଇଯାଇଛି ଯାହାଦ୍ୱାରା ନୈତିକ ମୂଲ୍ୟବୋଧର ଅବକ୍ଷୟ ହେଉଛି। ଗଣତାନ୍ତ୍ରିକ ବ୍ୟବସ୍ଥା ପାଇଁ ଏବେ ଅର୍ଥ ଓ ବାହୁବଳ ବିପଦ ହୋଇଛି। ଲୋକପ୍ରତିନିଧିମାନେ ସାଧାରଣ ଲୋକଙ୍କଠୁଁ ଦୂରେଇ ଯାଉଛନ୍ତି। ଏହା ଦ୍ୱାରା ସୁସ୍ଥ ଗଣତନ୍ତ୍ରରେ ସମାଧି ପଡିବ ବୋଲି ଅନ୍ୟ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜାତୀୟ ଇଲେକ୍ସନ ୱାଚ୍‌ର ପ୍ରତିଷ୍ଠାତା ତ୍ରିଲୋଚନ ଶାସ୍ତ୍ରୀ, ରାଜ୍ୟ ସୂଚନା କମିଶନର ଜଗଦାନନ୍ଦ, ଜଷ୍ଟିସ୍ ଚୌଧୁରୀ ପ୍ରତାପ କେଶରୀ ମିଶ୍ର, ସିନେ ତାରକା ଶରତ ପୂଜାରୀ, ଅବସରପ୍ରାପ୍ତ ପ୍ରଶାସକ ସହଦେବ ସାହୁ, ପୂର୍ବତନ ଲୋକପାଳ ଜଷ୍ଟିସ୍ ଶରତଚନ୍ଦ୍ର ମହାପାତ୍ର, ପ୍ରିୟଦର୍ଶୀ ମିଶ୍ର, କୈଳାସ ଅଚାର୍ଯ୍ୟ ଓ ବରିଷ୍ଠ ସାମ୍ବାଦିକ ରବିଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମ୍ମିଳନୀରେ ରାଜ୍ୟ ଇଲେକ୍ସନ ୱାଚ୍‌ର ସଂଯୋଜକ ରଂଜନ ମହାନ୍ତି ସ୍ୱାଗତ ଭାଷଣ ଦେଇଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ବରିଷ୍ଠ ସମାଜ ସେବୀ କ୍ଷମାକର ସ୍ୱାଇଁ।

ପ୍ରଗତିବାଦୀ

ରବିବାର ଅଗଷ୍ଟ ୨୯, ୨୦୧୦




ଜୟଦେବ ଭବନରେ ଓଡ଼ିଶା ଇଲେକ୍ସନ ୱାଚ୍ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ ।

# ଅବାଧ ନିର୍ବାଚନ ଓ ସ୍ୱଚ୍ଛ ପ୍ରାର୍ଥୀଙ୍କର ଆବଶ୍ୟକତା ରହିଛି

**ଭୁବନେଶ୍ୱର,୨୮ା୮ (ପିଏନ୍‌ଏସ୍):** ଗଣତାନ୍ତ୍ରିକ ବ୍ୟବସ୍ଥା ଲାଗି ଅର୍ଥ ଏବଂ ବାହୁବଳ ଏବେ ବିପଦ ହୋଇଛି । ଏଥିଯୋଗୁଁ ନିର୍ବାଚନ ପରବର୍ତ୍ତୀ ସମୟରେ ବହୁ ଲୋକ ପ୍ରତିନିଧି ସାଧାରଣ ଲୋକଙ୍କଠାରୁ ଦୂରେଇ ଯାଉଛନ୍ତି । ଫଳରେ ଆମର ଗଣତାନ୍ତ୍ରିକ ବ୍ୟବସ୍ଥା ଦୁର୍ବଳ ହେବାରେ ଲାଗିଛି । ତେଣୁ ମତଦାତାମାନେ ସଚେତନ ହେବା ସଙ୍ଗେସଙ୍ଗେ ରାଜନୈତିକ ଦଳମାନେ ଉପଯୁକ୍ତ ଲୋକଙ୍କୁ ବଛାଯାଇ ଟିକଟ ଦେଲେ ଆମର ଗଣତାନ୍ତ୍ରିକ ବ୍ୟବସ୍ଥା ସୁଦୃଢ଼ ହୋଇପାରିବ ବୋଲି ବହୁ ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି ।

ଜାତୀୟ ଇଲେକ୍ସନ ୱାଚ୍, ଏବଂ ରାଜ୍ୟ ଇଲେକ୍ସନ ୱାଚର ମିଳିତ ସହଯୋଗରେ 'ରାଜନୈତିକ ଏବଂ ନିର୍ବାଚନ ସଂସ୍କାର ଉପରେ ଏକ ' ଦୁଇଦିନିଆ କର୍ମଶାଳାର ଆୟୋଜନ କରାଯାଇଥିଲା । ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ଅମିୟ ଭୂଷଣ ତ୍ରିପାଠୀ କହିଲେ ଯେ, ଆମର ନିର୍ବାଚନ ବ୍ୟବସ୍ଥା ଏବେ କଳୁଷିତ ହୋଇଯାଇଛି । ଏଥିଯୋଗୁଁ ନୈତିକ ମୂଲ୍ୟବୋଧର ଅବକ୍ଷୟ ହେବାସହ ସଂସଦରେ ଦେଢ଼ଶହରୁ ଊର୍ଦ୍ଧ୍ୱ ଅପରାଧ ମାମଲାରେ ଜଡ଼ିତ ଥିବା ବ୍ୟକ୍ତି ଏବେ ସଦସ୍ୟ ରହିଛନ୍ତି । ଜଷ୍ଟିସ ଚୌଧୁରୀ ପ୍ରତାପ କେଶରୀ ମିଶ୍ର କହିଛନ୍ତି ଯେ, ଅବାଧ ନିର୍ବାଚନ ମାଧ୍ୟମରେ ହିଁ [illegible] । ରାଜ୍ୟ ଇଲେକ୍ସନ ୱାଚର ସଂଯୋଜକ ରଞ୍ଜନ ମହାନ୍ତି ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧିବକ୍ତା ଶରତ ପୁଜାରୀ, ଅବସରପ୍ରାପ୍ତ ପ୍ରଶାସକ ସହଦେବ ସାହୁ ପ୍ରମୁଖ ଅବାଧ ନିର୍ବାଚନ ଓ ଦକ୍ଷ ପ୍ରାର୍ଥୀଙ୍କ ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ଦୁର୍ବଳ ଲୋକପାଳ ଭୂଷିତ ଶରତଚନ୍ଦ୍ର ମହାପାତ୍ର 'ଓଡ଼ିଶା ଇଲେକ୍ସନ ୱାଚ୍-ଏପ୍ରିଲ ୨୦୦୯' ପୁସ୍ତକର ଉନ୍ମୋଚନ କରିଥିଲେ ।

ସମାଜ
The Samaja
୨୯ ଅଗଷ୍ଟ ୨୦୧୦

### ରାଜନୈତିକ ଓ ନିର୍ବାଚନ ସଂସ୍କାର ଉପରେ ଆଲୋଚନା

# ବଢ଼ିଚାଲିଛି ଅର୍ଥ ଓ ବାହୁବଳର ପ୍ରଭାବ

ଭୁବନେଶ୍ୱର, ତା ୨୮ ।୮ (ନି.ପ୍ର)-ଅର୍ଥ ଓ ବାହୁବଳ ଗଣତାନ୍ତ୍ରିକ ବ୍ୟବସ୍ଥା ପାଇଁ ଏବେ ବିପଦ ହୋଇଛି । ନିର୍ବାଚନ ପରବର୍ତ୍ତୀ ସମୟରେ ବହୁ ଲୋକ ପ୍ରତିନିଧି ସାଧାରଣ ଲୋକଙ୍କଠାରୁ ଦୂରେଇ ଯାଉଛନ୍ତି । ଫଳରେ ଗଣତାନ୍ତ୍ରିକ ବ୍ୟବସ୍ଥା ଦୁର୍ବଳ ହେଉଛି । ମତଦାତାମାନେ ସଚେତନ ହେବା ସହିତ ରାଜନୈତିକ ଦଳମାନେ ଉପଯୁକ୍ତ ଲୋକଙ୍କୁ ଦଳୀୟ ଟିକଟ ଦେଲେ ଗଣତାନ୍ତ୍ରିକ ବ୍ୟବସ୍ଥା ସୁଦୃଢ଼ ହୋଇପାରିବ । ଜାତୀୟ ଇଲେକ୍ସନ ୱାଚ ଓ ରାଜ୍ୟ ଇଲେକ୍ସନ ୱାଚ୍ ମିଳିତ ସହଯୋଗରେ ରାଜନୈତିକ ଓ ନିର୍ବାଚନ ସଂସ୍କାର ଶୀର୍ଷକ ଦୁଇଦିନିଆ ସମାବେଶରେ ଯୋଗଦେଇ ବକ୍ତାମାନେ ଏଭଳି ମତପୋଷଣ କରିଛନ୍ତି ।

ଆଲୋଚନାଚକ୍ରରେ ଯୋଗଦେଇ ପୂର୍ବତନ ପୁଲିସ ମହାନିର୍ଦ୍ଦେଶକ ଅମୀୟଭୂଷଣ ତ୍ରିପାଠୀ କହିଥିଲେ ଯେ ଆମର ନିର୍ବାଚନ ବ୍ୟବସ୍ଥା ଏବେ କଳୁଷିତ ହେବାରେ ଲାଗିଛି । ଏଥିଯୋଗୁଁ ନୈତିକ ମୂଲ୍ୟବୋଧର ଅବକ୍ଷୟ ହେବା ସହିତ ସଂସଦରେ ଦେଢ଼ଶହରୁ ଊର୍ଦ୍ଧ୍ୱ ଅପରାଧ ମାମଲା ଥିବା ବ୍ୟକ୍ତି ସଦସ୍ୟ ହୋଇଛନ୍ତି । ଜାତୀୟ ଇଲେକ୍ସନ ୱାଚର ସଂଯୋଜକ ଅନିଲ ବୈରୁୱାଲ କହିଥିଲେ ଯେ ଗଣତନ୍ତ୍ରରେ ଏବେ କ୍ଷମତା ଓ ଅର୍ଥ ସବୁକିଛି ପାଲଟିଛି । ଏହାକୁ ରୋକିବାକୁ ଜନସାଧାରଣଙ୍କ ନିକଟରେ କୌଣସି ସୁଯୋଗ ନାହିଁ । ଜାତୀୟ ଓ ରାଜ୍ୟସ୍ତରୀୟ ଇଲେକ୍ସନ ୱାଚ ମିଳିତ ଭାବେ ଲୋକଙ୍କୁ ଏ ସଂକ୍ରାନ୍ତରେ ସଚେତନ କରୁଛି । ଜାତୀୟ ଇଲେକ୍ସନ ୱାଚର ପ୍ରତିଷ୍ଠାତା ତ୍ରିଲୋଚନ ଶାସ୍ତ୍ରୀ କହିଥିଲେ ନିର୍ବାଚନକୁ ଅବାଧ ଓ ନିରପେକ୍ଷ କରିବାକୁ ହେଲେ ଆମକୁ ରଣନୀତି ପ୍ରସ୍ତୁତ କରିବାକୁ ପଡ଼ିବ । ଏଥିପାଇଁ ପ୍ରଥମେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କ ପୃଷ୍ଠଭୂମି ଜାଣିବାକୁ ହେବ ।

ରାଜ୍ୟ ସୂଚନା କମିଶନର ଜଗଦାନନ୍ଦ ସମାବେଶରେ ଉଦ୍‌ବୋଧନ ଦେଇ କହିଥିଲେ ଯେ ଗଣତନ୍ତ୍ରରେ ଏବେ ଆଉ ଶୃଙ୍ଖଳା ନାହିଁ । ତେଣୁ ମତଦାତାମାନେ ପ୍ରାର୍ଥୀଙ୍କ ସମ୍ପତ୍ତି, ଶିକ୍ଷାଗତ ଯୋଗ୍ୟତା ଓ ଅନ୍ୟାନ୍ୟ ବିଷୟରେ ଜାଣିବା ଏକାନ୍ତ ଅପରିହାର୍ଯ୍ୟ । ଏହାଛଡ଼ା ସ୍ୱେଚ୍ଛାସେବୀ ସଂସ୍ଥାମାନେ ମଧ୍ୟ ମତଦାତାମାନଙ୍କୁ ନିର୍ବାଚନ ସଂକ୍ରାନ୍ତରେ ସଚେତନ କରିବାକୁ ସେ ଆହ୍ୱାନ ଦେଇଥିଲେ । ଜଷ୍ଟିସ ଚୌଧୁରୀ ପ୍ରତାପକେଶରୀ ମିଶ୍ର କହିଥିଲେ ଯେ ଅବାଧ ନିର୍ବାଚନ ମାଧ୍ୟମରେ ହିଁ ସମଗ୍ର ଦେଶରେ ସଂସ୍କାର ଆସିପାରିବ । ସିନେ ତାରକା ଶରତ ପୂଜାରୀ, ଅବସରପ୍ରାପ୍ତ ପ୍ରଶାସକ ସହଦେବ ସାହୁ ପ୍ରମୁଖ ଅବାଧ ନିର୍ବାଚନ ଓ ଦକ୍ଷ ପ୍ରାର୍ଥୀଙ୍କ ଉପରେ ଗୁରୁତ୍ୱ ଦେଇଥିଲେ ।

ଏହି ଅବସରରେ ପୂର୍ବତନ ଲୋକପାଳ ଜଷ୍ଟିସ ଶରତଚନ୍ଦ୍ର ମହାପାତ୍ର ଓଡ଼ିଶା ଇଲେକ୍ସନ ୱାଚ-ଏପ୍ରିଲ ୨୦୦୯ ପୁସ୍ତକକୁ ଉନ୍ମୋଚନ କରିଥିଲେ । ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନାରେ ବିଧାନସଭାର ଉପମୁଖ୍ୟ ସଚେତକ ଅରୁଣକୁମାର ସାହୁ, ବିଜେଡ଼ି ନେତା ପ୍ରିୟଦର୍ଶୀ ମିଶ୍ର, କଂଗ୍ରେସ ନେତା କୈଳାସ ଆଚାର୍ଯ୍ୟ, ବରିଷ୍ଠ ସାମ୍ବାଦିକ ରବି ଦାସ, ପୂର୍ବତନ ପୁଲିସ ମହାନିର୍ଦ୍ଦେଶକ ଶରତଚନ୍ଦ୍ର ମିଶ୍ର ପ୍ରମୁଖ ରାଜନୈତିକ ଦଳ ମଧ୍ୟରେ ଗଣତାନ୍ତ୍ରିକ ପ୍ରକ୍ରିୟାର ସୁଦୃଢ଼ିକରଣ ଉପରେ ଗୁରୁତ୍ୱ ଦେଇଥିଲେ । ସମାଜସେବୀ କ୍ଷମାକର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସିଥିବା ନିର୍ବାଚିତ ପ୍ରତିନିଧି, ସମାଜସେବୀ ଓ ବୁଦ୍ଧିଜୀବୀ ଏହି ଆଲୋଚନାରେ ସାମିଲ ହୋଇଥିଲେ ।

ରାଜ୍ୟ ନିର୍ବାଚନ ୱାଚର ସଂଯୋଜକ ରଞ୍ଜନ କୁମାର ମହାନ୍ତି ସ୍ୱାଗତ ଭାଷଣ ଦେବା ଅବସରରେ କହିଥିଲେ ଯେ ରାଜ୍ୟର ପଞ୍ଚାୟତିରାଜ ସଂସ୍ଥାଗୁଡ଼ିକ ଆଗାମୀ ୨୦୧୨ରେ ନିର୍ବାଚନର ସମ୍ମୁଖୀନ ହେବେ । ତେଣୁ ଏବେଠାରୁ ନିର୍ବାଚନ ବ୍ୟବସ୍ଥାରେ ସଂସ୍କାର ଆଣିବାର ଆବଶ୍ୟକତା ରହିଛି ।